# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ସେପ୍ଟେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ❖ ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର (୧୪ କି.ଗ୍ରା. ୟୁରିଆ/ଏକର) ଦ୍ୱିତୀୟ କିସ୍ତିସାର ହିସାବରେ ପ୍ରୟୋଗ କରନ୍ତୁ।

- ❖ ଏକ ତୃତୀୟାଂଶ ଯବକ୍ଷାରଜାନ ସାର(ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୨୪ କି.ଗ୍ରା ୟୁରିଆ ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ) ଧାନରୁଆର ୨୦-୨୫ ଦିନ ପରେ ଘାସ ବାଛିସାରି ଦ୍ୱିତୀୟ କିସ୍ତିସାର ଭାବେ ଡେରିରେ ରୁଆଯାଇଥିବା ଧାନରେ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ଧାନରେ ୪୦-୪୫ ଦିନ ପରେ ସମାନ ପରିମାଣର ସାର ଦ୍ୱିତୀୟ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ।

- ❖ ଡେରିରେ ରୁଆ ଯାଇଥିବା ଧାନରେ ଶକ୍ତିଚାଳିତ ଘାସମରା ଯନ୍ତ୍ର ବା କୋନୋଉଇଡର ବ୍ୟବହାର କରି ରୁଆର ୨୦ ଦିନପରେ ଘାସ ବଛା ବଛି କରିଦିଅନ୍ତୁ।

- ❖ ବର୍ଷାଶ୍ରୀତ ରୁଆଧାନରେ ଶିଘ୍ର ବାହାରୁଥିବା ଅନାବନା ଘାସ ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ମିଥାଇଲ ସହିତ ପ୍ରେଟିଲାକ୍ଲୋର(ରେଡିମିକ୍ସ) ଦାନାଦାର ଲୋଣ୍ଡାକ୍ସ ପାଓ୍ୱାର/ଇରୋଜ୍ ଷ୍ଟ୍ରଙ୍ଗ ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୮ ରୁ ୧୦ ଦିନ ମଧ୍ୟରେ ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ। ଏହାକୁ ପ୍ରୟୋଗ କରିବା ପାଇଁ ଏକର ପିଛା ୧୨ କି.ଗ୍ରା. ବାଲି ବ୍ୟବହାର କରନ୍ତୁ ଏବଂ ପ୍ରୟୋଗ ସମୟରେ ମାଟିରେ ବତର ଥିବା ଆବଶ୍ୟକ।

- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ଥିଆମେଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍ କିମ୍ବା କ୍ଲୋରୋପାଇରିଫସ୍ ୨୦EC @ ୬୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଏବଂ ଯଦି ପର ପର୍ଯ୍ୟାୟରେ ପୋକ ଚିହ୍ନଟ ହୁଏ ସେଥିପାଇଁ ଏକର ପ୍ରତି ରାଇନାକ୍ସିପାର ୦.୪ G ୪ କି.ଗ୍ରା କିମ୍ବା କାର୍ବୋଫୁରାନ୍ ୩ G @ ୧୩.୨ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ।

- ❖ ଏହି ସମୟରେ ଲେଡାପୋକ, ବିରହା ପୋକ, ନଳୀପୋକ ଲାଗିବାର ସମ୍ଭାବନା ଥାଏ ତେବେ ପ୍ରତି ଲିଟର ପାଣିରେ କ୍ଲୋରୋପାଇରିଫସ୍ ୨୦EC @ ୩ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ EC @ ୨.୫ମି.ଲି. ମିଶାଇ ସିଞ୍ଚନ କରନ୍ତୁ। ଏକ ଏକର ନିମନ୍ତେ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ।

- ❖ ବଙ୍ଗୀପୋକକୁ ଦମନ କରିବା ପାଇଁ ଏକର ପିଛା କାର୍ବୋସଲଫାନ୍ ୨୫% EC @ ୪୦୦ ମି.ଲି. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ G @ ୧୦ କି.ଗ୍ରା. କିମ୍ବା କାର୍ବୋଫୁରାନ୍ ୩ G ୧୩.୨ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ।

- ❖ ଯଦି ପତ୍ରପୋଡା, ପତ୍ରପୋଡା ଗାର (ଖେରବଲ ସ୍ୱସ୍ୱଳରବଳ) ରୋଗ ଧାନରେ ଦେଖାଦିଏ ତେବେ ଏକ ଲିଟର ପାଣିରେ ପ୍ଲାଣ୍ଟୋମାଇସିନ୍ ୧ ଗ୍ରା. କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

- ❖ ମହିଷା ରୋଗ ଦେଖାଦେଲେ ଏକ ଲିଟର ପାଣିରେ କାର୍ବେନ୍‌ଡାଜିମ୍ ୫୦ WP @ ୨ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲୋଜୋଲ ୭୫ WP @ ୦.୬ ଗ୍ରାମ୍ ହିସାବରେ ମିଶାଇ ପ୍ରୟୋଗ କରନ୍ତୁ। ନଚେତ୍ ବେଲ ପତ୍ରରସ(୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ରସ(୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ(୨୦୦ ଗ୍ରାମ୍ ପତ୍ର) ପତ୍ର ରସ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଏହି ରୋଗ ଦମନ କରନ୍ତୁ।

******